

ହୋମ ହୁଏ, କୀର୍ତ୍ତନ ହୁଏ, କୋଡ଼ିଏ ତିରିଶ ଫୁଟ ଲମ୍ବର ତିନିଖଣ୍ଡ କଞ୍ଚା ବାଉଁଶ ପୋତି ବସନ୍ତରା ଠେକି ବସାଯାଏ । ଛତା, କଳସ, ଜଳ, ବସ୍ତ୍ର, ଆସନ, ଅନ୍ନ ଆଦି ବ୍ରାହ୍ମଣମାନଙ୍କୁ ଦାନ କରାଯାଏ । ଛତୁଆ ଭୋଗ ହୁଏ । ନଡ଼ିଆ, କଞ୍ଚା ଆମ୍ବ, ଆମ୍ବକସିଆ ଅଦା ଗୋଲମରିଚ ପକା ପଣା ସମସ୍ତେ ପିଅନ୍ତି, ଏଥିରୁ ଠେକିଏ ପାଖ ଥାନାକୁ ପଠାଯାଏ । ଅବଶ୍ୟ ଭଲମନ୍ଦ ଖାଉଥିବା ଆଜିକାଲିକା ଥାନାବାବୁ ଏପଣା ପିଅନ୍ତି କି ଢ଼ାଳନ୍ତି ସେକଥା ଲୋକଙ୍କୁ ଅଜଣା ।

ଜିପ୍ ଖରାପ ଘଟଣା ପରେ ଥାନାବାଲା ବାମନବର ଘଟଣାରେ ପୂରା ଚୁପ୍ । ହେଲେ ଠିକାଦାର ନଛୋଡ଼ବନ୍ଧା । ଥାନାବାଲା ଫେରିଯିବାର ପାଞ୍ଚସାତ ଦିନ ପରେ ଠିକାଦାର ମଜଭୁତିଆ ଗଣ୍ଡେ ଭେଣ୍ଡିଆଙ୍କୁ ଧରି ବାମନବର ଉପରେ ଚଢ଼ାଉ କରିଥିଲା । ଲୋକେ ଗଛକୁ କୁଣ୍ଢେଇ ଯେତେ ନେହୁରା ହେଲେ ମଧ୍ୟ ଭେଣ୍ଡିଆମାନେ ସେମାନଙ୍କୁ ଠେଲିପେଲି ଗଛ କାଟିବାକୁ ଚେଷ୍ଟା କରିଥିଲେ । ବାମନବରରେ ଦୁଇ ଚାରି କୁରାଢ଼ି ଚୋଟ ବାଜିଲା, ତେବେ କ'ଣ ହେଲା କେଜାଣି ସେମାନେ ପଳାଇଗଲେ, ଗଲାବେଳେ କହିଗଲେ କୁରାଢ଼ିରେ ନୁହେଁ ଇଲେକ୍ଟ୍ରି କରତ ଆଣିଲେ କାମ ହେବ । ଦୁଇଦିନ ପରେ ଇଲେକ୍ଟ୍ରି କରତ ଆଣିଲେ । ପାଖ ଇଲେକ୍ଟ୍ରି ଖୁଣ୍ଟରେ ହୁକ ପକାଇବା ବେଳେ କୁଆଡ଼େ ବିଜୁଳି ତାର ଖସିଲା । ତାର ଭିଡୁଥିବା ଠିକାଦାରର ଭେଣ୍ଡିଆ ଟୋକାଟା କଚାଡ଼ି ବାରହାତ ଦୂରରେ ପଡ଼ିଲା । ଟୋକାଟାକୁ ଗାଡ଼ିରେ ବସାଇ ଠିକାଦାର ଲୋକେ ଗାଁ ଲୋକଙ୍କ ହାବୁଡ଼ରୁ ଖସି ପଳେଇଲେ, ଟୋକାଟା ମଲା କି ଗଲା ଜଣାନହିଁ । ସେବେଠାରୁ ଠିକାଦାରର ବି ଦେଖାନାହିଁ ।

ଗାଁ ଲୋକ ଏବେ ସବୁ କାମ ଧନ୍ଦା ଛାଡ଼ି ଗଛମୂଳରେ । ସେମାନଙ୍କ ସାଙ୍ଗରେ ଯେବେଠାରୁ ବାହାରୁ ଦଳେ ଧୋବ ଧବଳିଆ ବାବୁ ଆସି ବାମନବର ବଞ୍ଚାଅ ଅଭିଯାନରେ ସାମିଲ ହୋଇଛନ୍ତି ସେବେଠାରୁ ସେମାନଙ୍କ ଉତ୍ସାହ ବଢ଼ିଯାଇଛି । ସୂର୍ଯ୍ୟ ଉଦୟ ନହେଉଣୁ ବାରିକାଣୀ ବାମନବର ମୂଳକୁ ସଜ ଗୋବରରେ ଲିପାପୋଛ କରିଦେଉଛି । ଗାଁର